ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.174 Bhubaneswar Friday August 18 2023 | ୨୬ତମ ବର୍ଷ ସଂଖ୍ୟା–୧୭୪ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ମୋଦିଜୀ ପଠାଉଥିବା ଟଙ୍କାକୁ ଠିକ୍ ଭାବେ ଖର୍ଚ୍ଚ କଲେ ଓଡିଶାର ବିକାଶ ହୋଇପାରିବ: କେନ୍ଦ୍ର ଅର୍ଥମନ୍ତ୍ରୀ




ଭୁବନେଶ୍ୱର,୧୭।୮(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ପଠାଉଥିବା ଟଙ୍କାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ରାଜ୍ୟର ବିକାଶ ହୋଇପାରିବ । ଆଉ ଭାରତର ଚ୍ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ଗ୍ଲୋବାଲ୍ ଲିଡର ବନାଇବା ଓ ଏହା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ସକ୍ରିୟତାର ସହ କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଶ୍ରୀମତୀ ସୀତାରମଣ ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଜି ସନ୍ଧ୍ୟାରେ ଫେରିଯାଇଛନ୍ତି ।ଆଜି ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚ୍ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଆୟୋଜିତ ୨୦ତମ ଜାତୀୟ ଚ୍ଚାର୍ଟାର୍ଡ ଆକାଉଣ୍ଟା ସମ୍ମିଳନୀକୁ ଉଦଘାଟନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଯୋଗଦେଇ କହିଛନ୍ତି ଯେ, ଭାରତର ଚ୍ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ବିଶ୍ୱର ନେତୃତ୍ୱ ନେବା ଦିଗରେ କାମ କରୁଛନ୍ତି ଏବଂ ଏଥିପାଇଁ ସରକାର ଅନ୍ୟ ରାଷ୍ଟ୍ର ମାନଙ୍କ ସହ ମଧ୍ୟ ଯୋଗାଯୋଗ ସ୍ଥାପନ କରୁଛି । ଗତ ମେ' ମାସରେ ଆଇସିଏଆଇ ଇନଷ୍ଟିଚ୍ୟୁଟ୍ ଅଫ୍ ସିଏ ଇନ୍ ଇଂଲଣ୍ଡ ଆଣ୍ଡ ୱେଲ୍ସ (ଆଇସିଏଇଡବ୍ଲ୍ୟୁ) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, କାନାଡା, ମାଲେସିଆ, ୟୁଏଇ, ସାଉଦି ଆରବ, କତାର, ବାହାରିନ, ଓମାନ ଏବଂ ଦକ୍ଷିଣ ଆଫ୍ରିକା ସହିତ ପାରସ୍ପରିକ ସ୍ୱୀକୃତି ଏବଂ ଏମଓୟୁକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରାଯିବା ଉଚିତ୍ ବୋଲି ସେ କହିଥିଲେ ।'ସମ୍ଭାବନା : ଡିଜିଟାଲ ଯୁଗରେ ଚ୍ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୃତ୍ତ' ଶୀର୍ଷକରେ ବିଷୟବସ୍ତୁ ଉପରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା ।ଶ୍ରୀମତୀ ସୀତାରମଣ ଆହୁରି ମଧ୍ୟ କହିଥିଲେ ଯେ, ପୂର୍ବରୁ ଓଡିଶାକୁ ଜିଏସଟି ସଂଗ୍ରହ, ଖଣି ରାଜସ୍ୱ ଓ ଆର୍ଥିକ କ୍ଷେତ୍ରରେ ଅନୁଦାନ ବାବଦକୁ ୩ ଲକ୍ଷ କୋଟି ଟଙ୍କା ଆସୁଥିବାବେଳେ ବିଗତ ୯ ବର୍ଷରେ ମୋଦି ସରକାରରେ ୧୮ ଲକ୍ଷ କୋଟି ଟଙ୍କା ଆସିଛି । ଯଦି ଓଡିଶାର ମହିଳାଙ୍କୁ ପ୍ରଯୁକ୍ତିବିଦ୍ୟା ସହ ଯୋଡାଯିବ ଓ ମୋଦିଜୀ ଓଡିଶାକୁ ପଠାଇଥିବା ଟଙ୍କାର ସଠିକ୍ କ୍ରିୟାନ୍ୱୟନ ହେବ ତେବେ ଓଡିଶାର ବିକାଶ ହୋଇପାରିବ । ଏହି ଅବସରରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କଦଳୀଗଡ ପଂଚାୟତ କନ୍ଧରା ଗ୍ରାମର ବୁଣାକାର ପରିବାରର ମହିଳାମାନେ ଆଜି ଶ୍ରୀମତୀ ସୀତାରମଣଙ୍କୁ ଭେଟି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢୀ ପ୍ରଦାନ କରିବା ସହ ଭାରତ ସରକାରଙ୍କ ୨ କୋଟି ମହିଳାଙ୍କୁ 'ଲକ୍ଷପତି ଦିଦି' ସୃଷ୍ଟି କରିବାର ନିଷ୍ପତ୍ତି ପାଇଁ ଧନ୍ୟବାଦ ଜଣାଇଥିଲେ ।

### ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଦୁଇ କେନ୍ଦ୍ରମନ୍ତ୍ରୀ

ପୁରୀ,୧୭।୮(ପି.ଏନ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ରାତିରୁ ପୁରୀ ଗସ୍ତରେ ଆସି ହୋଟେଲ ମେ ଫେୟାର ଠାରେ ରାତ୍ରୀଯାପନ କରିଥିଲେ । ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ଦୁଇ କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ । ସେଠାରୁ ଫେରିବା ପରେ ବ୍ଲୁ ଫ୍ଲାଗ ବିଚ୍ ରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ବୁଲି ଦେଖିଥିଲେ । ଏହାପରେ ପେଣ୍ଡୁକଟା ଠାରେ ଥିବା ସଦାଶିବ କ୍ୟାମ୍ପସ୍ ରେ ବୃକ୍ଷରୋପଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିଥିଲେ । ପରେ ସହିଦ୍ ଜୟୀ ରାଜଗୁରୁଙ୍କ ଗ୍ରାମ ବୀରହରେକୃଷ୍ଣପୁରକୁ ଯାଇ ସେଠାରେ ରହିଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ମାଟି ସଂଗ୍ରହ କରିଥିଲେ । ଗ୍ରାମରେ ପ୍ରବେଶ କରିବା ପୂର୍ବରୁ ବର୍ଣ୍ଣାଢ଼୍ୟ ସଂକୀର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅବସରରେ 'ମାଟିକୁ ନମନ, ବୀର କୋ ବନ୍ଦନ' ନାରାରେ କମ୍ପି ଉଠିଥିଲା ସହିଦ୍ ଜୟୀ ରାଜଗୁରୁଙ୍କ ଗ୍ରାମ । ଏହାପରେ ଦୁଇ କେନ୍ଦ୍ର ମନ୍ତ୍ରୀ ଭୁବନେଶ୍ୱର ଫେରି ଯାଇଛନ୍ତି ।



ୱାର୍ଲଡ ଓଡିଶା ସୋସାଇଟି ର ମହାସଚ୍ଚିବ ଏବଂ ଓଡିଶା ସୋସାଇଟି ଅଫ ୟୁକେ ର ସାଧାରଣ ସମ୍ପାଦକ ଶିବ ରଞ୍ଜନ ବିଶ୍ୱାଳ, ୱାର୍ଲଡ ଓଡିଶା ସୋସାଇଟି ର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ଏବଂ ୱାର୍ଲଡ ଓଡିଶା ସୋସାଇଟି ର ବରିଷ୍ଠ ସଦସ୍ୟ ଶୋଭନ ରାଜନ ବେହେରା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଙ୍କୁ ଆଜି ରାଜଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତକାର କରୁଛନ୍ତି ।

## ସୁପ୍ରିମକୋର୍ଟଙ୍କ ରହିତାଦେଶ ଯୋଗୁଁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଭାବ

ଭୁବନେଶ୍ୱର,୧୭।୮(ପି.ଏନ): ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ସଂକ୍ରାନ୍ତରେ ଆଡ଼ଭୋକେଟ ଜେନେରାଲଙ୍କୁ ଚ୍ଚିଠି ଲେଖିଲେ ଉଚ୍ଚଶିକ୍ଷା ଅତିରିକ୍ତ ସଚ୍ଚିବ । ସୁପ୍ରିମକୋର୍ଟଙ୍କ ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଯୋଗୁ ଗତ ୨୦ ମେ ୨୦୨୨ରୁ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଦିଆଯାଇ ପାରୁନାହିଁ । ରହିତାଦେଶ ଯୋଗୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ପଦବୀ ପୂରଣ ନେଇ OPSC ପରିଚ୍ଚାଳିତ ଶିକ୍ଷକ ଚ୍ଚୟନ ପ୍ରକ୍ରିୟା ସମ୍ଭବ ନୁହେଁ ।ବର୍ତ୍ତମାନ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚ୍ଚାରୀଙ୍କ ଅଭାବ ଦେଖାଦେଇଛି । ମୋଟ ୧୭୯୮ଟି ପଦବୀ ମଧ୍ୟରୁ କେବଳ ସରକାରୀ ବିଶ୍ୱବିଦ୍ୟାଳୟରେ ୧୦୭୨ ପଦବୀ ଖାଲି ରହିଛି । ଯାହାଦ୍ୱାରା ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏ ନେଇ ଇଡଜ ଗୌରବ ଖାନ୍ନାଙ୍କ ସହିତ ବାରମ୍ବାର ଯୋଗାଯୋଗ କରାଯାଇଛି ।ରାଜ୍ୟର ସ୍ୱାର୍ଥ ରକ୍ଷା କରିବାକୁ ଓଇ ଦାଖଲ କରିବା ସହ ଉପରୋକ୍ତ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଆବଶ୍ୟକ । ଯେଉଁଥିପାଇଁ ଏହି ଚ୍ଚିଠି ଜରିଆରେ ଘଟଣା ସଂକ୍ରାନ୍ତରେ ହସ୍ତକ୍ଷେପ ପାଇଁ ପ୍ରାର୍ଥନା କରାଯାଇଛି । ଏ ସଂକ୍ରାନ୍ତରେ ଇଡଜ ଓ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଡଭୋକେଟ ଜେନେରାଲ କେ.ଭେନୁଗୋପାଳଙ୍କ ସହ ଆଲୋଚ୍ଚନା କରାଯାଇଛି । ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ହେଲେ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶର ଆବଶ୍ୟକତା ରହିଛି । ଏ ଦିଗରେ ବିହିତ ପଦକ୍ଷେପ ନେବା ସହ ସୁପ୍ରିମକୋର୍ଟରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଡଭୋକେଟ ଜେନେରାଲଙ୍କୁ ଚ୍ଚିଠି ଲେଖି ଅନୁରୋଧ କରାଯାଇଛି ।

### ଆଇଏଏସ୍ ସ୍ତରରେ ଅଦଳବଦଳ ଜ୍ୟୋତିପ୍ରକାଶ ଦାସ ହେଲେ ବୋର୍ଡ ସଭାପତି

ଭୁବନେଶ୍ୱର,୧୭।୮(ପି.ଏନ): ଆଇଏଏସ୍ ଅଫିସରସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। କଟକରେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ(ଆଇଜିଆର) ଭାବେ କାର୍ଯ୍ୟରତ ୨୦୧୦ ବ୍ୟାଚ୍ ଆଇଏଏସ୍ ଜ୍ୟୋତିପ୍ରକାଶ ଦାସଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସେ ଅତିରିକ୍ତ ଭାବେ ଏହି ନୂଆ ଦାୟିତ୍ୱ ତୁଲାଇବେ। ସେହିପରି ବର୍ତ୍ତମାନ ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରାମାଶିଷ ହାଜରାଙ୍କୁ ପଶୁପାଳନ ଓ ପ୍ରାଣୀଧନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ପଶୁପାଳନ ଓ ପ୍ରାଣୀଧନ ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଡଃ ଯେଦୁଲା ବିଜୟଙ୍କୁ ବିଜ୍ଞାନ ଓ କାରିଗରି କୌଶଳ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

## ରାଜସ୍ଥାନ ନିର୍ବାଚ୍ଚନ ପାଇଁ ବିଜେପିର ଡବଲ କମିଟି: ନାହାନ୍ତି ବସୁନ୍ଧରା ଓ ଦଳର ରାଜ୍ୟ ମୁଖ୍ୟ



ଭୁବନେଶ୍ୱର,୧୭।୮(ପି.ଏନ): ଚ୍ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ରାଜସ୍ଥାନ ବିଧାନସଭା ନିର୍ବାଚ୍ଚନ ପାଇଁ ଆଜି ବିଜେପି ଦୁଇଟି ଉଚ୍ଚ୍ଚସ୍ତରୀୟ କମିଟି ଗଠନ କରିଛି। ତେବେ ଏହି କମିଟିରେ ସାମିଲ ହୋଇଥିବା ନେତାଙ୍କୁ ନେଇ ଯେତିକି ଚ୍ଚର୍ଚ୍ଚା ହେଉନି, ସେଥିରୁ ବାଦ ପଡିଥିବା ଭେଟେରାନମାନଙ୍କୁ ନେଇ ତା' ଠାରୁ ଅଧିକ ଆଲୋଚ୍ଚନା ଆରମ୍ଭ ହୋଇଛି ।ବିଜେପି ପକ୍ଷରୁ ସଂକଳ୍ପ କମିଟି ଓ ନିର୍ବାଚ୍ଚନ ପରିଚ୍ଚାଳନା କମିଟି ଗଠନ କରାଯାଇଛି। ଏହି ଦୁଇ କମିଟିରୁ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ବାଦ ଦିଆଯାଇ ନାହିଁ, ବରଂ ବିଜେପିର ରାଜସ୍ଥାନ ମୁଖ୍ୟ ସିପି ଯୋଶୀ ଓ ବିଧାନସଭାର ବିରୋଧୀ ଦଳ ନେତା ରାଜେନ୍ଦ୍ର ରାଠୋରଙ୍କୁ ମଧ୍ୟ କୌଣସି ବି ଗୋଟିଏ କମିଟିରେ ସାମିଲ କରାଯାଇ ନାହିଁ।ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସତୀଶ ପୁନିଆ ମଧ୍ୟ କମିଟିରେ ନାହାନ୍ତି। ଚ୍ଚଳିତ ମାସରେ ବିଜେପି ସୂତ୍ରରେ କୁହାଯାଇଥିଲା ଯେ ଏହି ୫ ହେଭିୱେଟ ନେତା ପୂରା ନିର୍ବାଚ୍ଚନ ପ୍ରଚ୍ଚାର ଦାୟିତ୍ୱରେ ରହିବେ। ହେଲେ ସେମାନଙ୍କୁ କ'ଣ ଦାୟିତ୍ୱ ଦିଆଯାଉଛି, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ଘରୋଇ ବ୍ୟାଙ୍କରେ ଫୁଟିଲା ଗୁଳି, ୩ ଗ୍ରାହକ ଗୁରୁତର

ରାଜଗାଙ୍ଗପୁର, ୧୭।୮(ପି.ଏନ): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଥିବା ଏକ ଘରୋଇ ବ୍ୟାଙ୍କରେ ଫୁଟିଛି ଗୁଳି । ଏଥିରେ ୩ ଜଣ ଗ୍ରାହକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସୁରକ୍ଷା କର୍ମୀଙ୍କ ଅସାବଧାନତାରୁ ବନ୍ଧୁକରୁ ଗୁଳି ଫୁଟିଥିବା ସୂଚନା ମିଳିଛି । ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ଘଟଣା ଘଟିଛି । ଘଟଣାରେ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ପୋଲିସ । କିପରି ଓ କେଉଁ ପରିସ୍ଥିତିରେ ବନ୍ଧୁକରୁ ଗୁଳି ଫୁଟିଲା ସେନେଇ ତଦନ୍ତ ଜାରୀ ରଖିଛି ।

## ବିଜେପି ଇତିହାସରେ ପ୍ରଥମ: ନିର୍ବାଚ୍ଚନ ତାରିଖ ଘୋଷଣା ହେବା ପୂର୍ବରୁ ପ୍ରାର୍ଥୀଙ୍କ ନାଁ ଜାରି କଲା ଦଳ



ଭୁବନେଶ୍ୱର,୧୭।୮(ପି.ଏନ): କେନ୍ଦ୍ରରେ କ୍ଷମତାସୀନ ବିଜେପି ତା'ର ରାଜନୀତିକ କ୍ୟାରିୟର୍ ?ରେ ଯାହା କରି ନଥିଲା, ଏବେ ଦଳ ପ୍ରଥମଥର ପାଇଁ ସେମିତି କିଛି କରିଛି। ନିର୍ବାଚ୍ଚନ ତାରିଖ ଘୋଷଣା ହେବା ପୂର୍ବରୁ ଦଳ ଏଥିରେ ଲ ?ିବାକୁ ଥିବା କିଛି ପ୍ରାର୍ଥୀଙ୍କ ନାଁ ବଧିବଦ୍ଧ ଭାବେ ଜାରି କରିଛି। ଚ୍ଚଳିତ ବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ଓ ଛତିଶଗଡରେ ବିଧାନସଭା ନିର୍ବାଚ୍ଚନ ଅନୁଷ୍ଠିତ ହେବ। ଭାରତୀୟ ନିର୍ବାଚ୍ଚନ କମିଶନ ଏଥିପାଇଁ ଏଯାଏ ତାରିଖ ଘୋଷଣା କରି ନାହାନ୍ତି। କିନ୍ତୁ ବିଜେପି ପକ୍ଷରୁ ଏହି ଦୁଇ ରାଜ୍ୟର ବିଧାନସଭା ନିର୍ବାଚ୍ଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରାଯାଇଛି।

### ଜେଇଇ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ମାର୍କସିଟ୍ ମାମଲାରେ ସିବିଆଇ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୮(ପି.ଏନ): ୨୦୨୨ ଜେଇଇ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ମାର୍କସିଟ୍ ମାମଲାରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପରୀକ୍ଷାର୍ଥୀ ଅଂଶୁମାନ କାନୁନଗୋଙ୍କ ଜେଇଇ ମାର୍କସିଟକୁ ନକଲି କହି ରାଉରକେଲା ଏନଆଇଟି ଆଡମିଶନ ଖାରଜ କରିଥିଲା । ଏହାପରେ ମାର୍କସିଟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଂଶୁମାନ।

## ସାମ୍ବାଦିକ, ଲେଖକ ଓ ପ୍ରବାସୀଙ୍କ ସମସ୍ୟା ନେଇ ଅର୍ଥମନ୍ତ୍ରୀଙ୍କୁ ସୁନୀତିଙ୍କ ଦାବିପତ୍ର



ଭୁବନେଶ୍ୱର,୧୭।୮(ପି.ଏନ): ଦୁଇଦିନିଆ ଓଡିଶା ଗସ୍ତରେ ଆସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭାଜପା ନେତ୍ରୀ ସୁନୀତି ମୁଣ୍ଡ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହିତ ସାମ୍ବାଦିକ, ଲେଖକ ଏବଂ ପ୍ରବାସୀମାନଙ୍କର ସମସ୍ୟାବଳିକୁ କେନ୍ଦ୍ରକରି, ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।ଏହି ତିନୋଟି ବର୍ଗ ବୌଦ୍ଧିକ ଓ ଭୌତିକସ୍ତରରେ ସମାଜକୁ ସମୃଦ୍ଧ କରୁଛନ୍ତି। ଦେଶ ପାଇଁ ମଧ୍ୟ ଆର୍ଥିକ କ୍ଷେତ୍ରରେ ସେମାନେ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରି ଆସୁଛନ୍ତି ଓ କିନ୍ତୁ ସେମାନଙ୍କୁ ସରକାରୀ ସୁବିଧା ,ସୁଯୋଗରୁ ବଞ୍ଚିତ ରଖାଯାଉଛି। ଏହି ସ୍ୱାଭିମାନୀ ବର୍ଗ ସେମାନଙ୍କର ମୌଳିକ ସମସ୍ୟା ନେଇ କେବେ କୌଣସି ସମୟରେ ଦାବି ବା ଆପତ୍ତି ଉଠାଇ ନାହାନ୍ତି କିମ୍ବା ଆନ୍ଦୋଳନ କରିନାହାନ୍ତି ବୋଲି ସୁନୀତି କହିଥିଲେ । ସମାଜ ଓ ଦେଶ ସେବାରେ ନିଜର ମୂଲ୍ୟବାନ ସମୟ ଦେଉଥିବା ସାମ୍ବାଦିକ ଏବଂ ସାହିତ୍ୟିକମାନେ କାର୍ଯ୍ୟରତ ଥିବା କାଳରେ ଏବଂ ପରିଣତ ବୟସରେ ଦୁଃସ୍ଥ ଜୀବନ ନିର୍ବାହ କରୁଛନ୍ତି । ତେଣୁ ଏହି ବର୍ଗର ଲୋକଙ୍କ ପିଲାମାନଙ୍କୁ ଉଚ୍ଚ୍ଚଶିକ୍ଷା ପ୍ରଦାନ କରିବା ତଥା ସେମାନଙ୍କୁ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ନିଃଶୁଳ୍କରେ ଉପଲବଧ କରାଇବାକୁ ,ସୁନୀତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟରେ ଦାବି କରିଛନ୍ତି । ଏହା ସହିତ ଏହି ବର୍ଗର ଲୋକ ମାନଙ୍କୁ ଆର୍ଥିକ ଅନୁଦାନ ଏବଂ ନିଜର ବାସ ନଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ସହାୟତାରେ ବାସଗୃହ ଯୋଗାଇଦେବାକୁ ସେ କେନ୍ଦ୍ରମନ୍ତ୍ରୀ ଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନୁରୂପ ଭାବରେ ପ୍ରବାସୀମାନେ ନିଜ ଶ୍ରମ ବଳରେ କାମ କରୁଥିବା ସଂସ୍ଥା ଅଥବା ଉକ୍ତ ରାଜ୍ୟର ଆର୍ଥିକ ଏବଂ ଭିତ୍ତିଭୂମି ବିକାଶରେ ସହାୟକ ହେଉଥିବାବେଳେ,ସେମାନଙ୍କର ସମସ୍ୟା ପ୍ରତି କେହି କେବେ ଦୃଷ୍ଟି ଦେଉନାହାନ୍ତି । ସେମାନଙ୍କୁ କାମ କରୁଥିବା ରାଜ୍ୟରେ ମୌଳିକ ଅଧିକାର ଓ ମାନବିକ ସୁବିଧା ସୁଯୋଗ ପ୍ରଦାନ କରିବା ଏବଂ ସେମାନଙ୍କର ନାଗରିକ ଅଧିକାରକୁ ସୁରକ୍ଷିତ ରଖିବାକୁ ସେ ଅର୍ଥମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ପ୍ରବାସୀମାନଙ୍କର ନିଜ ରାଜ୍ୟକୁ ବାଦ୍ ?ଦେଲେ ଅନ୍ୟତ୍ର କୌଣସି ସ୍ଥାୟୀ ଠିକଣା ଅଥବା କର୍ମକ୍ଷେତ୍ର ନଥିବା ହେତୁ, ଏହି ବର୍ଗ ନିଜର ଆଧାରକାର୍ଡ ଏବଂ ଭୋଟର ପ୍ରମାଣପତ୍ର ମଧ୍ୟ ଜନ୍ମସ୍ଥାନରୁ ହିଁ ବନାଇଥାନ୍ତି । ଏହି ଶ୍ରେଣୀର ଅଧିବାସୀ ମାନଙ୍କୁ ଆର୍ଥିକ ଓ ସ୍ୱାସ୍ଥ୍ୟଗତ ସହାୟତା ପ୍ରଦାନ କରାଗଲେ ସମାଜର ଏକ ବିଶାଳ ବଞ୍ଚିତ ବର୍ଗ ଉପକୃତ ହୋଇପାରନ୍ତେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିବା ସମୟରେ ସୁନୀତି ସୂଚ୍ଚାଇଛନ୍ତି। ଏହି ସମସ୍ତ ବିଷୟ ଉପରେ ବିଚ୍ଚାର କରିବେ ବୋଲି ଶ୍ରୀମତୀ ସୀତାରମଣ ସାକ୍ଷାତକାର ଅବସରରେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

### ସବୁ ସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରିବ ବିଏମସି

ଭୁବନେଶ୍ୱର, ୧୭।୮(ପି.ଏନ): ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ସବୁ ସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଡେଙ୍ଗୁ ନେଇ ସଚେତନ କରାଯିବ। ସ୍କୁଲରେ ସଚେତନତା ବ୍ୟତୀତ ଘର ଘର ବୁଲି ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା, ସଫେଇ ଏବଂ ଘର ଭିତର ସଫା ରଖିବାକୁ ପରାମର୍ଶ ଦେବ ବିଏମସି।

## ଆହୁରି ଦୁଇ ଦିନ ପ୍ରବଳ ବର୍ଷିବ ! ଆଜି ବର୍ଷାରେ ବେହାଲ ଭୁବନେଶ୍ୱର



ଭୁବନେଶ୍ୱର,୧୭।୮(ପି.ଏନ): ବଙ୍ଗୋପସାଗର ଅଞ୍ଚଳରେ ସମ୍ଭାବ୍ୟ ଲଘୁଚ୍ଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆଜି ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଆସନ୍ତାକାଲି ଓ ତା' ପରଦିନ ମଧ୍ୟ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ଆଜିର ବର୍ଷାରେ ବେହାଲ ହୋଇଛି ରାଜଧାନୀ ଭୁବନେଶ୍ୱର। ଅନେକ ସ୍ଥାନ ଜଳମଗ୍ନ ହୋଇଛି। ଯେଉଁଥିପାଇଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଛି ।ଆଗାମୀ ୨୪ ଘଣ୍ଟା ମଧ୍ୟରେ ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁର, ନୟାଗଡ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ନୂଆପଡା, କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡା, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ, ବରଗଡ, ରାୟଗଡା, ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୌରାଙ୍ଗପୁର ଏସ୍କେପ ମରାମତି ନାଁରେ ଅର୍ଥ ହରିଲୁଟ, ପୁଣି ଟଙ୍କା ଲୁଟ୍ ହେବାର ଆଶଙ୍କା

ଭଦ୍ରକ, ୧୭।୮(ପି.ଏନ): ଏହି ଜିଲାର ଧାମନଗର ବ୍ଲକ୍ରେ ବୈତରଣୀ ନଦୀର ପ୍ରଥମ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗୌରାଙ୍ଗପୁର ଏସକେପ୍ ମରାମତି କାର୍ଯ୍ୟ ଚାଲିଛି। ବନ୍ୟା ମୁକାବିଲା ପାଇଁ ଥିବା ଜରୁରୀକାଳୀନ ପାଣ୍ଠିରୁ ଏବେ ଅସ୍ଥାୟୀ ବନ୍ଧ କରାଯାଉଛି। ଏହି ଏସକେପ୍ର ପ୍ରୋଟେକସନ ୱାଲ୍ ଠାରୁ ଉପର ନଦୀପାର୍ଶ୍ୱକୁ ଏବେ ପାଖାପାଖି ୬ ଶହ ମିଟର ଏକ ଅସ୍ଥାୟୀ ଆଡିବନ୍ଧ କରାଯାଉଛି। ଏହି ବନ୍ଧଟି ଡାଙ୍ଗୁଆପାଟଣା ପାଖରୁ ଆରମ୍ଭ ହୋଇ ନଦୀପଠା ଦେଇ ଗୌରାଙ୍ଗପୁରରେ ଲାଗିଛି। କାଠବହ୍ଲା ଦୁଇ ପାର୍ଶ୍ୱରେ ପୋତାଯାଇ ମଝିରେ ବାଲିବସ୍ତା ଭର୍ତ୍ତି କରାଯାଉଛି। ଏହା ଉପରେ ମାଟି ପଡି ବନ୍ଧଟିଏ ତିଆରି ହେବ। ତେବେ ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଛି ବୋଲି ଅଭିଯୋଗ ଉଠିଛି। ଦୁର୍ବଳ କାଠବହ୍ଲା ପୋତାଯାଉଥିବାବେଳେ ବାଲିବସ୍ତା ଗୁଡିକ ଠିକ୍ ଭାବରେ କମ୍ପାଉଣ୍ଡିଂ ନହୋଇ ପ୍ୟାକିଂ କରାଯାଉଛି। ଯାହାଫଳରେ ପୁଣି ବନ୍ୟା ଆସିଲେ ବାଲିବସ୍ତା ମଝିରେ ପାଣି ଘଳିଆ ପଡି ଭାଂଗିଯିବାର ଆଶଙ୍କା ରହୁଛି। ଖାଲି ଏତିକି ନୁହେଁ ନିର୍ମାଣ ସ୍ଥଳରେ ବିଭାଗୀୟ ଅଧିକାରୀ କିମ୍ବା କନିଷ୍ଠ ଯନ୍ତ୍ରୀ କେହି ରହୁନାହାଁନ୍ତି। ଯାଜପୁର ଜଳସଂପଦ କାର୍ଯ୍ୟାଳୟର ସୂଚନା ଅନୁସାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ବରଦାରେ ଏହି ମରାମତି କାର୍ଯ୍ୟ ହେଉଛି। ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ହେଉଛି। ବର୍ଷାରତୁ ସରିନଥିବାରୁ ବନ୍ୟା ଆଶଙ୍କା ଟଳିନଥିବାବେଳେ କେବଳ ସ୍ଥିତି ସମ୍ଭାଳିବା ଲାଗି ଏସକେପ୍ ମରାମତି କରାଯାଉଛି। ବନ୍ୟାରତୁ ସରିବା ପରେ ନଭେମ୍ବର ଓ ଡିସେମ୍ବର ମାସରେ ମେଗା ପ୍ରୋଜେକ୍ଟ ଭାବେ ଏହାର ଟେଣ୍ଡର କରାଯାଇ କାର୍ଯ୍ୟ ହୋଇପାରେ ବୋଲି କୁହାଯାଉଛି। ଏତଦ୍‌ବ୍ୟତୀତ ଏହି ସ୍ଥାନରେ ଫୁଟ୍ ଓଭରବ୍ରିଜ୍ କରିବା ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାରୁ ଏହି କାର୍ଯ୍ୟ ସହ ଗ୍ରାଉଣ୍ଡ କାମ ହେବ ବୋଲି ସୂଚନା ମିଳିଛି। ତେବେ ୨୦୨୧ ମଇ ମାସରେ ଆସିଥିବା ବନ୍ୟା ପରେ ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସକେପ୍ ନଷ୍ଟ ହୋଇଥିଲା। ସେତେବେଳେ ଏହି ୨ଟି ଏସକେପ୍ ମରାମତି ଲାଗି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗୌରାଙ୍ଗପୁର ଏସକେପ୍ର ରିଟେନିଂ ୱାଲ୍, ପ୍ରୋଟେକସନ ୱାଲ ନବୀକରଣ କରାଯାଇଥିଲା। ଏଥିସହ ପଥର ମଧ୍ୟ ବିଛାଯାଇଥିଲା। କିନ୍ତୁ ନିମ୍ନମାନର କାମ ହୋଇଥିବାରୁ ଏ ବର୍ଷର ବନ୍ୟାରେ ଗୌରାଙ୍ଗପୁର ଏସକେପ୍ ସଂପୂର୍ଣ୍ଣ ଧୋଇଗଲା। ରିଟେନିଂ ଓ ପ୍ରୋଟେକସନ ୱାଲ୍ ଭୁଷୁଡି ପଡିଡା। ଏଣୁ ଏବେ ତରବରିଆ ଭାବେ କାର୍ଯ୍ୟ କରାଯାଉଥିବାରୁ ଲୋକଙ୍କ ମନରେ ସନ୍ଦେହ ଉପୁଜିଛି। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବା କଥା ଯେ ୨୦୨୧ ରେ କାର୍ଯ୍ୟ ହେବା ବେଳେ ନିମ୍ନମାନର ହେଉଥିବାରୁ ବିରୋଧ କରାଯାଇଥିଲା। ହେଲେ ଜଳସଂପଦ ବିଭାଗର ଅଧିକାରୀ ଏନେଇ କର୍ଣ୍ଣପାତ କରିନଥିଲେ। ଏସ୍କେପ୍ରେ ପଥର ବିଛାଯିବା ପରେ ସିମେଣ୍ଟ ଗ୍ରାଉଟିଂ କରିବା ଲାଗି କୁହାଯାଇଥିଲା। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀ ତାହା କରିନଥିଲେ। ସବୁଠାରୁ ବଡକଥା ହେଲା ଗତବର୍ଷ ବନ୍ୟାରେ ନଷ୍ଟ ହୋଇଥିବା ଏସକେପ୍ ଯଦି ମରାମତି ହୋଇଥାଆନ୍ତା, ତେବେ ଚଳିତ ବନ୍ୟାରେ ତାହା କ୍ଷତିଗ୍ରସ୍ତ ହୋଇନଥାନ୍ତା। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଓ ଖାମଖିଆଲି ଯୋଗୁଁ ଆଜି ସରକାରଙ୍କୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ବୋଲି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଶ୍ରୀ ସୁରଜ ଆଜି ନିର୍ମାଣାଧୀନ ଗୌରାଙ୍ଗପୁର ଏସକେପ୍ ନିକଟକୁ ଯାଇ ସ୍ଥିତି ପରଖିଥିଲେ ଏବଂ ଉତ୍ତମ କାର୍ଯ୍ୟ କରିବା ସହ ତୁରନ୍ତ ତାହା ସଂପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିବାର ଜଣାପଡିଛି।






# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ଚିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଯୁଦ୍ଧାୟ କୃତନିଶ୍ଚୟ...

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଂଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତିଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି- ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶ୍ରୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

## ନିଲମ୍ବିତ ଏମବିକେଙ୍କୁ ପୁନଃନିଯୁକ୍ତି

ଧର୍ମଶାଳା (ପିଏନ୍): ଗତ ପଂଚାୟତ ନିର୍ବାଚନରେ ଶାସକ ଦଳର ଚାପରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ପୁନଃନିଯୁକ୍ତି ନିଷ୍ପତ୍ତିକୁ ପଂଚାୟତବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅନୁଯାୟୀ ୨୦୨୨ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଝୁନୁବାଳା ଦାସ ନିର୍ବାଚନ ଅଚରଣବିଧି ଉଲଘଂନ ଅଭିଯୋଗ ଆଣି ଶାସକଦଳ ପକ୍ଷରୁ ଚାପ ପ୍ରୟୋଗ କରାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହା ବିରୁଦ୍ଧରେ ଝୁନୁବାଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୫୧୩୮/୨୨ରେ ଏକ କେଶ କରି ଘଟଣାର ବିଚାର କରି ଝୁନୁବାଳାଙ୍କୁ ପୁନଃନିଯୁକ୍ତି ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ପତ୍ରସଂଖ୍ୟା ୫୬୭୨ ତା.୨୮/୧୧/୨୨ରେ ଝୁନୁବାଳାଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବ୍ଲକକୁ ଜଣାଇଥିଲେ। ପୁନଃନିଯୁକ୍ତି ପାଇବା ପରେ କୁମାରୀ ପଂଚାୟତର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଝୁନୁବାଳାଙ୍କୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୨୫ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶ୍ରୀଧର ମହାପାତ୍ର ଓ ଅଭିରାମ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ବୀରକିଶୋର ଦାସ, ବୃନ୍ଦାବନ ଦାସ, ଶୁକଦେବ ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଶତପଥୀଙ୍କୁ ମରଣୋତର ସମ୍ମାନ ତାଙ୍କ ପୁତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିବେକାନନ୍ଦ ନାୟକ ସ୍ୱାଗତ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖରେ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସାଂସଦ ଓ ସ୍ଥାନୀୟ ବିଧାୟକ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ବ୍ରଜ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗଗନେନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା (ପିଏନ୍): ପ୍ରଖ୍ୟାତ ଭାଷାତତ୍ୱବିତ ଓ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥଦାଶଙ୍କ ବିୟୋଗରେ ଏକ ଶୋକସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟ କୁମାର ଶତପଥୀ, ଭଦ୍ରକ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସେଠୀ, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ ଓ ପ୍ରାକ୍ତନ ସାଧାରଣ ସମ୍ପାଦକ ବଟକୃଷ୍ଣ ପରିଡା ଯୋଗଦେଇ ପ୍ରଫେସର ଦାଶଙ୍କ ବିୟୋଗରେ ଓଡିଆ ସମାଲୋଚନା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତପ୍ରକାଶ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ, ମହିଳା କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପଣ୍ଡିତ ବ୍ରଜକିଶୋର ଦାସ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଓ କୈବଲ୍ୟ ଜ୍ୟୋତି ସମ୍ମାନ ପ୍ରଦାନ



କଟକ (ପିଏନ୍): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଜଗତ କଲ୍ୟାଣ ମହାଯଜ୍ଞ, କୈବଲ୍ୟ ଜ୍ୟୋତି ସମ୍ମାନ ଏବଂ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଧବଳେଶ୍ୱର ସାରସ୍ୱତ ଆଶ୍ରମ, ଡଙ୍ଗା ଘାଟ ବିଡ଼ାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ସଭାପତି ମାନସ ଚୈତନ୍ୟ ସ୍ୱାଗତ ଭାଷଣ ପ୍ରଦାନ କରି ଜଗତ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ ମାନବ କଲ୍ୟାଣ ସମସ୍ତଙ୍କର ଦାୟିତ୍ୱ ବୋଲି ଅତି ସରଳ ଭାବରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ହରିହର କାନୁନଗୋ ମାନବିକ ମୂଲ୍ୟବୋଧ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର ବୋଲି ଅଭିହିତ କରିଥିଲେ। ଜଗନ୍ନାଥ ପ୍ରଚାରକ ଲିଙ୍ଗରାଜ ପତି ଜଗନ୍ନାଥ ସଂସ୍କୃତି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବୈଦ୍ୟନାଥ ପଣ୍ଡା ଜଗନ୍ନାଥ ବ୍ରହ୍ମାଣ୍ଡର ଜୀବନ୍ତ ଠାକୁର ବୋଲି ତାତ୍ତ୍ୱିକ ଭାବରେ ବର୍ଣ୍ଣନା କରିଥିଲେ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଜଗନ୍ନାଥ ଭାବର ଠାକୁର ବୋଲି ମତବ୍ୟକ୍ତ ରଖିଥିଲେ। ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, ପଣ୍ଡିତ ନୀଳକଣ୍ଠ ରାଉତ, ଗୀତା ଚଇନି, ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତି ମହାତ୍ମା ବିଚାର ମଂଚ, କବି ତୋଫାନ ଜେନା, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଚାରକ ଶୁଭେନ୍ଦ୍ର ସ୍ୱାଇଁ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଅବସରରେ ଡକ୍ଟର ହରିହର କାନୁନଗୋ (ଜଗନ୍ନାଥ ଗବେଷକ), ପଣ୍ଡିତ ଦିବାକର ମିଶ୍ର (ଜଗନ୍ନାଥ ପ୍ରଚାରକ), ଡକ୍ଟର ଲକ୍ଷ୍ମଣ ସାହୁ (ସାହିତ୍ୟିକ), ଡକ୍ଟର ସୁନାମଣି ରାଉତ (ଶିଶୁ ସାହିତ୍ୟିକ), ପଣ୍ଡିତ ପ୍ରଦୀପ୍ତ ମହାପାତ୍ର (ଜଗନ୍ନାଥ ପ୍ରଚାରକ), ଶ୍ରୀ ଶ୍ରୀ ମାନସ ଚୈତନ୍ୟ ମହାରାଜ (ଜଗନ୍ନାଥ ପ୍ରଚାରକ), ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର (ଜଗନ୍ନାଥ ଓ ସନାତନଧର୍ମ ପ୍ରଚାରକ) ଏବଂ ସମାଜ ସେବୀ ଅଭିମନ୍ୟୁ ଦାସଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ-୨୦୨୨ ସାହିତ୍ୟ, ସମାଜ ସେବା ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରଚାରକ ପାଇଁ ପ୍ରଦାନ କରାଯାଇଥିଲା। ଏହି ଜଗତ କଲ୍ୟାଣ ମହାଯଜ୍ଞ କାର୍ଯ୍ୟକ୍ରମରେ ସାହି ବସ୍ତିର ବୁଦ୍ଧିଜୀବୀ, ଅଧିବାସୀ, ସାଧୁ ସନ୍ଥ ବହୁ ମାତ୍ରାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ଅନୁଷ୍ଠାନ ତରଫରୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଅବସରରେ ଡଃ ନୃସିଂହନନ୍ଦ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଦିଗବିଜୟୀ ଆଚାର୍ଯ୍ୟ ଶଙ୍କରଙ୍କ ଯାତ୍ରା ଶୁଭ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ ଆଧ୍ୟାତ୍ମିକ ସମାଜ ସେବକ ଓ ସ୍ତମ୍ଭକାର ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ ପୂର୍ବକ ପାଠ ଧନ୍ୟବାଦ ଅର୍ପଣ କରି ବର୍ତ୍ତମାନର ଯୁବପିଢ଼ି ଆଧ୍ୟାତ୍ମିକ ସମାଜ ସେବାକୁ ଗୁରୁତ୍ୱ ଦେବାକୁ ସମବେତ ଆହ୍ୱାନ ପ୍ରଦାନ କରିଥିଲେ।

## ଦୁର୍ଗା ଦେବୀ ଥିଲେ ନାରୀ ଜାତିର ଆଦର୍ଶ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ



ଭୁବନେଶ୍ୱର (ପିଏନ୍): ବାଙ୍କୀ ପଥୁରୀପଡ଼ାର ପରଲୋକଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା କଟକ ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ଓ ପ୍ରତିଭାଦୀପ୍ତ ସୁନୀଲ ମିଶ୍ରଙ୍କ ମାତା ଦୁର୍ଗା ଦେବୀଙ୍କ ଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜସ୍ୱ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସ୍ମୃତିଚାରଣ ସଭାରେ ଓଡ଼ିଶାର ବାଲେଶ୍ୱର, ଯାଜପୁର ରୋଡ଼, କଟକ, ବ୍ରହ୍ମପୁର, ବ୍ରହ୍ମଗିରି, ଖୋର୍ଦ୍ଧା, ପୁରୀ, ବାଙ୍କୀ, ପୁରୀ, ବରଗଡ଼, ସମ୍ବଲପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ପ୍ରଥମେ ପୁଣ୍ୟଆତ୍ମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଧୂପ ଦାନ, ନୀରବ ପ୍ରାର୍ଥନା, ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ବେଦ ପାଠ କରାଯାଇ ସ୍ମରଣିକା (ପୂଜନୀୟା ଦୁର୍ଗାଦେବୀ)କୁ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉନ୍ମୋଚନ କରିବା ସହିତ ଦୁର୍ଗା ଦେବୀ ସମସ୍ତ ମାତୃଶକ୍ତି, ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପୂଜ୍ୟପୂଜା ହେଉଛି ପାତାଳଭେଦୀ ସଂସ୍କୃତି ବୋଲି ଅନ୍ୟ ଅତିଥି ସମୂହ ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଦିଗମ୍ବର ବେହେରା, ଆଲୋକ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁରେଶ୍ୱର ବେହେରା, ବ୍ରଜବନ୍ଧୁ ଦାସ, କାମଦେବ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ସିଂହ, ସରପଞ୍ଚ ସୁରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଅଶୋକ କୁମାର ମିଶ୍ର, ଧନେଶ୍ୱର ବଳିଆରସିଂହ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, ଗୀତିକାର ଯୁଧିଷ୍ଠିର ଖୁଣ୍ଟିଆ, ସଦାଶିବ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଦାଧର ତ୍ରିପାଠୀ, କବି କୌଶିକ ନାୟକ, ଅଂଶୁପା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍.ଏ.ସି. ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ବିଜୁ ଜନତା ଦଳ ସଭାପତି ଅନନ୍ତ ଦାସ, ଆଇନଜୀବୀ ଜିତେନ କୁମାର ରଥ, ରଣଜିତ୍ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ସଞ୍ଜୟ ପାତ୍ର, ସାମ୍ବାଦିକ ଦେବାଶିଷ ରାଉତ, ଅରବିନ୍ଦ ହରିଚନ୍ଦନ, ଯୁଧିଷ୍ଠିର କୁଣ୍ଠୁ, ବିଭୁ ସାମଲ, ଆଶିଷ ମହାପାତ୍ର, ପ୍ରତାପ ନାୟକ, ରଞ୍ଜିତ ସେଠ୍ ତଥା ଗ୍ରାମବାସୀ ସାହିତ୍ୟିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୀତାବଲ୍ଲଭ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଏହି ଦିବଙ୍ଗତ ମହିଳାଙ୍କୁ ଯଶସ୍ୱୀ ମାତା, ଯଶସ୍ୱୀ ପତ୍ନୀ ରୂପେ ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି, ଏହି ମହୀୟସୀ ମହିଳାଙ୍କ ଗତ ନଭେମ୍ବର ୧୯ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂଗଠନର ସଂଯୋଜକ ବାପୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ବଳଦେବ ପାଞ୍ଜି ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଯାତ୍ରୀ ନିବାସରେ ବଳଦେବଜୀଉ ପାଞ୍ଜି ପ୍ରକାଶନ କମିଟିର ଏକ ପ୍ରସ୍ତୁତି ବୈଠକ ଇଣ୍ଟରନେସନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍, ଓଡିଶାର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏବଂ ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ପାଞ୍ଜି ପ୍ରକାଶନ ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶ୍ରୀଜୀଉଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ପତ୍ରୀ, ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ, ଗବେଷକ ନିରଞ୍ଜନ ମେକାପ, ପ୍ରାବନ୍ଧିକ ଡଃ. ସର୍ବେସ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ଶ୍ରମିକ ନେତା ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଓଡିଆ ନବବର୍ଷରୁ ଶ୍ରୀବଳଦେବଜୀଉଙ୍କ ପାଞ୍ଜି ପ୍ରକାଶନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଶ୍ରୀଜୀଉଙ୍କ ବଡପଣ୍ଡା ମାଧବ ପତ୍ରୀଙ୍କ ଅଧ୍ୟକ୍ଷତାରେ ସେବକ କମିଟି, ପଣ୍ଡିତ ଭ୍ରମରବର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଷୟିକ ଜ୍ୟୋତିର୍ବିଦ କମିଟି ଏବଂ ଡକ୍ଟର ସର୍ବେଶ୍ୱର ସେଣଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରସାର କମିଟିରେ ଗବେଷକ ନିରଞ୍ଜନ ମେକାପ ଏବଂ ରାଜଶ୍ରୀର ସମ୍ପାଦକ ହେମନ୍ତ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday August 18, 2023 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୧୮,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com 

# କେନାଲ ପାଣି ସୋଠକୁ ଉଠୁନି ଚ଼ିନ୍ତାରେ ଚ଼ାଷୀ ଆନ୍ଦୋଳନ ପାଇଁ ସଜବାଜ



କାକଟପୁର,(ପି.ଏନ): ନିମାପଡା ଜଳସେଚ଼ନ ବିଭାଗ ଡିଭିଜନ ଅଧିନସ୍ଥ କାକଟପୁର ଜଳସେଚ଼ନ ବିଭାଗ ସବଡିଭିଜନ କାର୍ଯ୍ୟାଳୟ । ଚ଼ଳିତ ଖରିଫ ଋତୁରେ କେନାଲରେ ପାଣି ନଆସିବା ପୂର୍ବରୁ ସମସ୍ତ କେନାଲ ସଫେଇ ହେଲା ଏବଂସଫେଇ ପରେ କେନାଲରେ ପାଣିବି ଆସିଲା । ମାତ୍ର କେନାଲରେ ଏବେ ଯେଉଁ ଭଳି ବାଗରେ ଓ ଢଙ୍ଗରେ ପାଣି ଆସୁଛି ତାହା ନକହିବା ଭଲ । ମୁଖ୍ୟ କେନାଲରେ ପାଣି ସୋଠକୁ ଉଠୁନଥିବା ବେଳେ ଶାଖା ଓ ଉପଶାଖା କେନାଲର ତଳମୁଣ୍ଡର ଚ଼ାଷୀ ଏବେ ଚ଼ିନ୍ତାରେ କେବେ ସେମାନଙ୍କ କ୍ଷେତକୁ କେନାଲ ପାଣି ମାଡ଼ିବ । ବିଭାଗୀୟ ଅପାରଗତା , ପ୍ରଶାସନିକ ସ୍ଥାଣୁତା ଓ ରାଜନୈତିକ ଇଚ଼୍ଛା ଶକ୍ତି ଅଭାବରୁ କାକଟପୁର ନିର୍ବାଚ଼ନ ମଣ୍ଡଳୀରେ ଚ଼ାଷୀ ପ୍ରତ୍ୟକ ବର୍ଷ ଏଭଳି ଅବହେଳାର ଶିକାର ହେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି । ଉପରମୁଣ୍ଡରୁ କେନାଲରେ ଅଧିକ ପାଣି ଛଡା ଯାଉନଥିବାରୁ କାକଟପୁର ଜଳସେଚ଼ନ ବିଭାଗ ଅଧିନସ୍ଥ ବହୁ ଶାଖା , ଉପଶାଖା ଓ ଅତିରିକ୍ତ ଉପଶାଖା କେନାଲ ଗୁଡିକ ଶୁଖିଲା ପଡୁଛି ବୋଲି ବିଭାଗ ପାରୁ ସଫେଇ ଦିଆଯାଉଛି । ଚ଼ାଷୀଙ୍କ ଅଭିଯୋଗକୁ ଗୁରୁତ୍ୱ ସହକାରେ ନେଇ କାକଟପୁର ଜଳସେଚ଼ନ ବିଭାଗ ସବଡ଼ିଭିଜନର ଏସଡିଓ କୃପାସିନ୍ଧୁ ଷଡ଼ଙ୍ଗୀ କେନାଲରେ ଅଧିକ ପାଣି ଯୋଗାଇ ଦେବାକୁ ବାରମ୍ବାର ଉଚ୍ଚ କର୍ତ୍ତୃପ ।ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏନେଇ କାକଟପୁର ଜଳସେଚ଼ନ ବିଭାଗ ସବଡ଼ିଭିଜନ ପାରୁ ଅନେକ ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚ଼ିଠି କରାଯାଇ ଥିଲେ ମଧ୍ୟ ଉଚ୍ଚକର୍ତ୍ତୃପ। କେବଳ ପ୍ରତିଶ୍ରୁତି ଦେଇ ଦିନ ପରେ ଦିନ ଗଡାଇ ଚ଼ାଲିଛନ୍ତି । କେନାଲରେ ପାଣି ବୃଦ୍ଧି ପରିବର୍ତ୍ତ ? ବରଂ ଦିନକୁ ଦିନ ଜଳ ସ୍ତର ହ୍ରାସ ହେବାରେ ଲାଗିଛି । ଏମିତିକି ନିମାପଡା ଜଳସେଚ଼ନ ବିଭାଗ ଡିଭିଜନର ଅଧି ।ଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ କାକଟପୁର ଜଳସେଚ଼ନ ବିଭାଗ ସବଡ଼ିଭିଜନରେ ବର୍ତ୍ତମାନ ଉପୁଜିଥିବା କେନାଲ ପାଣିର ମୁଖ୍ୟ ସମସ୍ୟା ଓ ଚ଼ାଷୀଙ୍କ ଅଭିଯୋଗକୁ ନେଇ କେନାଲ ଅଧିକ ପାଣି ଯୋଗାଇଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଚ଼ାଷୀଙ୍କ ସମସ୍ୟା ଏଯାବତ ସୁଧୁରି ପାରିନାହିଁ । ଖବରରୁ ପ୍ରକାଶଯେ କାକଟପୁର ଜଳସେଚ଼ନ ବିଭାଗ ସବଡ଼ିଭିଜନଟି କାକଟପୁର , ଅସ୍ତରଙ୍ଗ ,ବାଉରିଆକଣ , ଅସ୍ତରଙ୍ଗ ସାଲାଇନ , ଓ ପାଣିଛତ୍ର ଆଦି ୫ ଗୋଟି ସେକ୍ସନକୁ ନେଇ ଗଠିତ । ଏହି ୫ ଗୋଟି ସେକ୍ସନ ଅଧିନରେ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ, ନିମାପଡା, ଗୋପ ଆଦି ୪ ଗୋଟି ବ୍ଲକ ସହିତ କଟକ ଜିଲ୍ଲାର ନିଆଳି ବ୍ଲକ , ଆର୍ଥାତ ୫ ଗୋଟି ବ୍ଲକର ୯ ହଜାର ୩ ଶହ ୮୯ ହେକ୍ଟର ଜମି କେନାଲ ପାଣି ଦ୍ୱାରା ଜଳସେଚ଼ିତ ହୋଇଥାଏ । କାକଟପୁର ଜଳସେଚ଼ନ ବିଭାଗ ସବଡିଭିଜନର ମୋଟ କେନାଲର ପରିସୀମା ୨୨୧ କି.ମି ଅଟେ । କେନାଲ ଉତ୍ପତିସ୍ଥଳ ଠାରୁ ଉପରୋକ୍ତ ବ୍ଲକ ଅଞ୍ଚଳର କେନାଲ ଗୁଡିକ ସବା ତଳମୁଣ୍ଡରେ ଥିବାରୁ ଅଧିକ ପାଣି ନଆସିଲେ କେନାଲ ତଳମୁଣ୍ଡର ଚ଼ାଷୀ ତାର କ୍ଷେତକୁ ପାଣି ପାଇବାତ ଦୂରର କଥା ମୁଖ୍ୟ କେନାଲ ମଧ୍ୟରେ ଥିବା ସୋଠକୁ ପାଣି ଉଠିବନି ବୋଲି ଚ଼ାଷୀ ମହଲରେ ଅଭିଯୋଗ ହେଉଛି । କେନାଲ ତଳ ମୁଣ୍ଡରେ ଥିବା ଚ଼ାଷୀଙ୍କ ସମସ୍ୟା ଓ ବର୍ତ୍ତମାନ କେନାଲ ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିମାପଡା ଜଳସେଚ଼ନ ବିଭାଗ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳାଇ ତୁରନ୍ତ ପଦ ।ପ ଗ୍ରହଣ କରିବା ସହିତ ମୁଖ୍ୟ କେନାଲ ସହ ଏହାର ଶାଖା ଉପଶାଖା । କେନାଲର ତଳ ମୁଣ୍ଡକୁ କିଭଳି ଅଧିକ ପାଣି ପହଞ୍ଚି ପାରିବ ଏନେଇ ତୁରନ୍ତ ଦୃଷ୍ଟି ଦେବାକୁ ଚ଼ାଷୀ ମହଲରେ ଦୃଢ ଦାବି ହୋଇଛି । ଯଦି ଆଠ ଦିନ ମଧ୍ୟରେ ଉପୁଜି ଥିବା ସମସ୍ୟାର ସମାଧାନ ନହୁଏ ତେବେ ଚ଼ାଷୀ ଆନ୍‌ଦୋଳନ ପାଇଁ ଡାକରା ଦିଆଯିବ ବୋଲି ବହୁ ଅଗ୍ରଣୀ ଚ଼ାଷୀ ପ୍ରକାଶ କରିଛନ୍ତି ।

## ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ, କ୍ଷତିପୂରଣ ଦାବିରେ ରାସ୍ତା ରୋକ

ନବରଙ୍ଗପୁର ,(ପି.ଏନ):ବୋଲେରୋ ଗାଡି ଧକ୍କାରେ ବାଇକ ଆରୋହୀ ଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି ରେ ରାସ୍ତା ରୋକ । ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି-ଇନ୍ଦ୍ରାବତୀ ରାସ୍ତା ର ଚ଼ରାମୂଳା ଛକ ନିକଟରେ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ଯାହାକୁ ନେଇ ଏହି ରାସ୍ତାରୋକ କରାଯାଇଛି । ବାଇକ ଆରୋହୀ ଜଣଙ୍କ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ଇଛାପୁର ଗ୍ରାମର ଡି ଶଙ୍କର ରାଓ ବୋଲି ଜଣାପଡିଛି ।ଗତକାଲି ଡି ଶଙ୍କର ରାଓ କୌଣସି କାର୍ଯ୍ୟରେ ଚ଼ରାମୂଳା ଗ୍ରାମକୁ ଯାଇଥିଲେ । ରାତ୍ର ପ୍ରାୟ ୮ ଘଣ୍ଟା ସମୟରେ ଶଙ୍କର କାମ ସାରି ନିଜ ଟିଭିଏସ ଏକ୍ସଏଲ ମୁଫେଡ ରେ ନିଜ ଗ୍ରାମ ଇଛାପୁର ଅଭିମୁଖେ ଫେରୁଥିଲେ । ଏହି ସମୟରେ ଓଡି ୩୦ ୨୬୮୫ ନମ୍ବର ଥିବା ଏକ ବୋଲେରୋ ଶଙ୍କର ଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଶଙ୍କର ନିଜ ମୁଫେଡ ସହ ରାସ୍ତାରେ ପଡି ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ । ତେବେ ଧକ୍କା ଦବାପରେ ବୋଲେରୋ ଡ୍ରାଇଭର ଗାଡି କୁ ଛାଡି ଘଟଣା ସ୍ଥଳ ରୁ ଫେରାର ହୋଇଯାଇଥିଲା ।

# ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଅସ୍ତରଙ୍ଗ ପଞ୍ଚାୟତର ସାଙ୍ଗଠନିକ ବୈଠକ



ଅସ୍ତରଙ୍ଗ,(ପି.ଏନ):ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତ ର ବିଜେଡି କାର୍ଯ୍ୟାଳୟ ରେ ଏକ ବିଶାଳ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଇଛି, କାକଟପୁର ଯୁବ ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାର କାନ୍ତି ବେହେରା ଙ୍କ ନେତୃତ୍ୱ ରେ ଏହି ବିଶାଳ ବୈଠକ ଅନୁଷ୍ଠିତ ହେଇଛି, ଆଗକୁ ସାଧାରଣ ନିର୍ବାଚ଼ନ ପାଖେଇ ଆସୁଛି ଆଉ ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ତୃଣ ମୂଳ ସ୍ତର ରେ ତାର ସ୍ଥିତି ସୁଦୃଢ କରିବାରେ ଲାଗିଛି, ଅସ୍ତରଙ୍ଗ ପଞ୍ଚାୟତ ରେ ୧୪ ଟି ୱାର୍ଡ ରୁ ପାଖାପାଖି ସାତଶହ ବିଜେଡି କର୍ମୀ ଏକତ୍ରିତ ହୋଇଥିଲେ, ଏହି ବୈଠକ ରେ ଆଗକୁ ସାଧାରଣ ନିର୍ବାଚ଼ନ ରେ ବିଜେଡି କିପରି ତାର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିବ, ଆଉ ଏହି ପଞ୍ଚାୟତ ରେ ବିଜେଡି ଦଳ କୁ ମଜବୁତ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇ ପଞ୍ଚାୟତ ର ଯୁବ କର୍ମୀ ମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା, ୨୦୨୪ ସାଧାରଣ ନିର୍ବାଚ଼ନ କୁ ଆଖି ଦୃଷ୍ଟି ରେ ରଖି ୱାର୍ଡ ସ୍ତର ରୁ ସ୍ୱତନ୍ତ୍ରକାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କର୍ମୀ ମାନେ ଶପଥ ନେଇଥିଲେ ଓଡିଶା ରେ ଦୀର୍ଘ ୨୫ ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାର ଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା କୁ ଲୋକ ମାନଙ୍କ ମଧ୍ୟ ରେ ପହଞ୍ଚ ?ଇବାକୁ ମାନ୍ୟବର ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ, ଆଜି ର ଯୁବକ ମାନେ ବିଜୁ ବାବୁ ଙ୍କ ପରି ସାହସୀ ହୋଇ ସାଧାରଣ ଲୋକ ମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଏହି ସଭା ରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ ଯୁବ ପୀ? ଙ୍କୁ ଆହ୍ୱାନ ଦେଇଥିଲେ, ଏହି ସଭା ରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥି ଏବଂ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ, ଅନ୍ୟ ମାନଙ୍କ ମଧ୍ୟ ରେ ଅସ୍ତରଙ୍ଗ ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ବ୍ଲକ ଯୁବବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ, ବିଜେଡି ବରିଷ୍ଠ ନେତା ପୁରନ୍ଦର ମହାନ୍ତି, ଯୁବ ନେତା ଦିବ୍ୟଦର୍ଶୀ ବିଶ୍ୱାଳ, ଯୁବନେତା ୱାର୍ଡ ସଭ୍ୟ ମନୋଜ ବିଶ୍ୱାଳ, ବିଭିନ୍ନ ୱାର୍ଡ ର ଯୁବଗୋଷ୍ଠୀ, ବରିଷ୍ଠ କର୍ମୀ ମାନେ ଯୋଗ ଦେଇ ଏହି ବିଶାଳ ପଞ୍ଚାୟତ ସ୍ତରୀୟ ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଜେଏସଡବ୍ଲ୍ୟୁ ପକ୍ଷରୁ ତିନି ଗୋଟି ଆମ୍ବୁଲାନ୍ସ ଲୋକାର୍ପିତ

ପାରାଦୀପ,(ପି.ଏନ): ଗୁରୁବାର ଦିନ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ୩ଗୋଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି । ୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜେଏସଡବ୍ଲ୍ୟୁ ଗ୍ରୁପର ସଭାପତି ତଥା ମାନବ ସମ୍ବଳ ମୁଖ୍ୟ ଦିଲ୍ଲିପ ପଟ୍ଟନାୟକ ପତାକା ଦେଖାଇ ଏହାର ଲୋକାର୍ପଣ କରିଥିଲେ । ଏହା ମଧ୍ୟରୁ ଗୋଟିଏ ଆଡଭାନସ୍ ଲାଇଫ ସପୋର୍ଟ ଓ ଦୁଇଟି ରୋଗୀ ବହନକାରୀ ଆମ୍ବୁଲାନସ୍ ରହିଛି । ଅତ୍ୟାଧୁନିକ ଜୀବନ ସହାୟକ ଆମ୍ବୁଲାନସ୍‌ରେ ସମସ୍ତ ପ୍ରକାର ରୋଗୀ ସେବା ପାଇଁ ଆବଶ୍ୟକୀୟ ସାମଗ୍ରୀ ରହିଛି । ଏହି ଆମ୍ବୁଲାନସ୍ ଅଠରବାଙ୍କୀ ମେଡିକାଲରେ ରହିବ । ବିଶେଷ ଭାବେ କଟକ ପାରାଦୀପ ରାଜ୍ୟ ରାଜପଥ, ବନ୍ଦରାଂଚଳ ସହିତ ବିଭିନ୍ନ ଶିଳ୍ପାଂଚଳରେ ଦୁର୍ଘଟଣାର ଶୀକାର ହେଉଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଚିକିତ୍ସା ପ୍ରଦାନ କରିବା ଦିଗରେ ଏହି ଆମ୍ବୁଲାନସ୍ ବିଶେଷ ଭାବେ ସହାୟକ ହେବ । ଏଥି ସହିତ ଅନ୍ୟ ଦୁଇଟି ଆମ୍ବୁଲାନସ୍ ଢିଙ୍କିଆ ଓ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ତିନି ପଂଚାୟତର ରୋଗୀ ସେବା ପାଇଁ ଉପଯୋଗୀ ହେବ । ଏହି ତିନି ଗୋଟି ଆମ୍ବୁଲାନସ୍ ନିମନ୍ତେ ୮ଜଣ ଡ୍ରାଇଭର ୪ ଜଣ ଏମରଜେନସି ମେଡିକାଲ ଟେକନିସିଆନ ରହିଛନ୍ତି । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଯୋଗାଇ ଦିଆ ଯାଇଥିବା ଏହି ସେବା ସହିତ ଆଗାମୀ ଦିନର ଅଂଚଳର ଅନେକ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ତହସିଲ କାର୍ଯ୍ୟାଳୟ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଖପ୍ରାଖୋଲ,(ଭୋଜରାଜ ବରିହା,(ପି.ଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ବନବିଭାଗ ଓ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ର ମିଳିତ ଆନୁକୁଲ୍ୟ ରେ ପରିବେଶ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଗୋପାଳ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟ ବକ୍ତା ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ବନପାଳ ସୁଧୀର କୁମାର ଜେନା, ବ୍ଲକ୍ ଉପାଧକ୍ଷ ସୁଖିରାମ ଷାଣ୍ଡେ, ପରିବେଶ କର୍ମି ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ତହସିଲ କାର୍ଯ୍ୟାଳୟ ରେ ଚ଼ାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ର ଛାତ୍ରୀ ଛାତ୍ର ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ମୋହନ ସୁନା ପରିଚ଼ାଳନା କରିଥିବା ବେଳେ ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ନୂଆପଡ଼ା:(ବିରବଲ ପ୍ରଧାନ)ନୂଆପଡା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ଼ ବିଦ୍ୟାଳୟ ପଡିଆ ଠାରେ ଚ଼ାଲିଥିବା ୧୪ ତମ ରାଜା ଅନୁପ ସିଂ ଦେଓ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି କ୍ଷ ଫାଇନାଲ ମ୍ୟାଚ଼ ଜୋରାବନ୍ଦ ଏବଂ ଜାମଖୁଣ୍ଟା ଦଳ ମଧ୍ୟରେ ହୋଇଥିଲା କ୍ଷ ନିର୍ଦ୍ଧାରିତ ସମୟ ଖେଳରେ ଜାମଖୁଣ୍ଟା ଏବଂ ଜୋରାବନ୍ଦ ଦଳ ୧ -୧ ଗୋଲ ଦେବାରୁ ମ୍ୟାଚ଼ ଡ୍ର ରହିଥିଲା କ୍ଷପରେ ୫ -୫ ମିନିଟ ଅତିରିକ୍ତ ସମୟ ମଧ ରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପରେ ପେନାଲଟି ସୁଟ ଜରିଆରେ ଜାମଖୁଣ୍ଟା ଦଳ ୪-୨ ଗୋଲ ବ୍ୟବଧାନ ରେ ବିଜୟୀ ହୋଇ ଚ଼ମ୍ପିୟାନ ହୋଇ ଥିଲା କ୍ଷ ଟୁର୍ନାମେଣ୍ଟ ର ମୁଖ୍ୟ ଆୟୋଜକ କୁମାର ଅଙ୍କିତ ସିଂ ଦେଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଏବଂ ସମ୍ମାନୀୟ ଅତିଥି ଭାବରେ ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜଳ ଗୁପ୍ତା ପ୍ରମୁଖ ଯୋଗଦେଇ ବିଜୟୀ ଜାମଖୁଣ୍ଟା ଦଳକୁ ନଗଦ ୭ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅଫ ଜୋରାବନ୍ଦ ଦଳ କୁ ନଗଦ ୫ ହଜାର ଟଙ୍କା ସହ ରନର୍ସଅପ ଟ୍ରଫି ପ୍ରଦାନ କରିବା ସହ ଉଭୟ ଟିମ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ମ୍ୟାଚ଼ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ଏହା ପରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ସିନିଅର ଦଳ ଓ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦଙ୍କ ନେତୃତ୍ୱରେ ଜୁନିୟର ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ଼ ଆୟୋଜିତ ହୋଇଥିବା ବେଳେ ଜୁନିୟର ଦଳ ୩-୧ ଗୋଲ ରେ ବିଜୟୀ ହୋଇଥିଲା।

# ଖପ୍ରାଖୋଲ ପୋଲିସକୁ ବଡ଼ ସଫଳତା



ଖପ୍ରାଖୋଲ ,ଭୋଜରାଜ ବରିହା),(ପି.ଏନ): ଖପ୍ରାଖୋଲ ମୁଖ୍ୟ ବଜାର ରେ ଗତ ୨ ତାରିଖରେ ହୋଇଥିବା ସିରିଜ ଚୋରି ଘଟଣାରେ ଖପ୍ରାଖୋଲ ପୋଲିସ କୁ ବଡ଼ ସଫଳତା ମିଳିଛି। ଦୀର୍ଘ ୧୫ ଦିନ ଧରି ପୋଲିସ ର ତନାଘନା ପରେ ଚୋରିରେ ସାମିଲ ଥିବା ଦୁଇ ଅଭିଯୁକ୍ତ କୁ ଖପ୍ରାଖୋଲ ପୋଲିସ ଗିରଫ କରିଥିବା ବେଳେ ବିଭିନ୍ନ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ଗୁରୁବାର ଥାନା ପରିସରରେ ଆୟୋଜିତ ପ୍ରେସ ମିଟ ରେ ପୋଲିସ ସୂଚ଼ନା ଦେଇଛି। ସୂଚ଼ନା ଅନୁସାରେ ଗତ ୨ ତାରିଖ ରାତିରେ ଲାଇନ୍ ନ ଥିବା ବେଳେ ବର୍ଷାର ସୁଯୋଗ ନେଇ ଖପ୍ରାଖୋଲ ର ଏକ ମୋବାଇଲ ଦୋକାନ, ଏକ ୱାଇଲଡିଂ ଦୋକାନ, ପରିବା ଦୋକାନ, କପସିପାଲି ଗାଁ ରେ ଏକ ମୋବାଇଲ ଦୋକାନ ସହ କିରାନା ଦୋକାନ ରେ ଗୋଟିଏ ରାତିରେ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ର ତନାଘନା ପରେ ବୈଷୟିକ ଜ୍ଞାନ କୌଶଳ ସହାୟତା ରେ ଦୁଇଜଣ କୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ମାନେ ହେଲେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ମେଲଛାମୁଣ୍ଡା ଗାଁ ର ଶୁଭମ୍ ପଟ୍ଟନାୟକ (୨୪), ବେଲମୁଣ୍ଡା ଗାଁ ର ସନ୍ତୋଷ ସାହୁ (୨୫) ବୋଲି ପୋଲିସ ସୂଚ଼ନା ଦେଇଥିବା ବେଳେ ଚୋରିସାମଗ୍ରି କିଣିବା ଅଭିଯୋଗ ରେ ବେଲମୁଣ୍ଡା ଗାଁ ର ଚ଼ିତ୍ତରଞ୍ଜନ ପାଣ୍ଡେ (୨୨) କୁ ଗିରଫ କରିଥିବା ବେଳେ ଚୋରି ଘଟଣାରେ ସଂପୃକ୍ତ ଦୁଇଜଣ କୁଣ୍ଡାଖାଇ ଗାଁ ର ଚୂଡାମଣି ଭୋଇ (୨୩)ଓ ବନ୍ଧବାହାଲ ଗାଁ ର ଦୁଃଖନାସନ ଓରଫ ଅମିତ ବିଶି (୨୫) କୁ କିଛିଦିନ ତଳେ ଅନ୍ୟ ଏକ ଚୋରି ଘଟଣାରେ ବରଗଡ ଥାନା ପୋଲିସ ଗିରଫ କରି କୋର୍ଟ ଚ଼ାଲାଣ କରିଥିବା ପୋଲିସ କହିଛି। ଏହି ଘଟଣା ର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଙ୍କୁ ଚ଼ଢାଉ ବେଳେ ତାଙ୍କ ଠାରୁ ଏକ ସ୍କୁଟି, ଏକ ଏଲିଡି ଟିଭି,୮ ଟି ମୋବାଇଲ,୧୧ ଟି ଷ୍ଟିଲ ଥାଳିଆ, ସମେତ ଅନେକ ଚୋରା ସାମଗ୍ରୀ ଓ ଚୋରି ଉପକରଣ ଜବତ କରିଥିବା ନେଇ ପୋଲିସ ଗଣମାଧ୍ୟମ କୁ ପ୍ରେସ ମିଟରେ ସୂଚ଼ନା ଦେଇଛି। ଏହି ଅବସରରେ ଥାନା ଏସ ଆଇ ଗୋପୀନାଥ ମହାକୁଡ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray